# NATIONAL NEWS BULLETIN (ODIA)

**20 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲିଠାରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ ।
- ମୌସୁମୀ ଅଧିବେଶନ ପୂର୍ବରୁ ଆଜି ନୂଆଦିଲ୍ଲୀର ସଂସଦ ଭବନରେ ଚାଲିଛି ସର୍ବଦଳୀୟ ବୈଠକ ।
- ଭବିଷ୍ୟତର ଶକ୍ତି ଚାହିଦା ମୁକାବିଲା ଲାଗି ତୈଳ କ୍ଷେତ୍ରକୁ ସୁଦୃଢ଼ କରୁଛି ଭାରତ - କହିଲେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ।

ଏବଂ

- ପର୍ତ୍ତୁଗାଲ କ୍ରୀଡ଼ା ପ୍ରତିଯୋଗିତାରେ ଲମ୍ଫଡିଆଁରେ ଟାଇଟଲ ହାସଲ କଲେ ମୁରଲୀ ଶ୍ରୀଶଙ୍କର ।

## ଡେ ମନ୍ସୁନ ସେସନ

ନୂଆଦିଲ୍ଲୀର ସଂସଦ ଭବନରେ ଆସନ୍ତାକାଲିଠାରୁ ହେବାକୁ ଥିବା ମୌସୁମୀ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଜାରି ରହିଛି । ବୈଠକରେ ଅଧିବେଶନ କାଳରେ ଉଭୟ ସଦନକୁ ସୁରୁଖୁରୁରେ ଚଳାଇବା ଲାଗି ସରକାର ସମସ୍ତ ରାଜନୈତିକ ଦଳ ଗୁଡ଼ିକ ସହ ସହମତି ନେଇ ଆଲୋଚନା କରୁଛନ୍ତି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ତଥା ରାଜସଭାରେ ଗୃହର ନେତା ଜେ.ପି.ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ,

ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡକ୍ଟର ଏଲ୍ ମୁରୁଗାନ ବୈଠକରେ ଉପସ୍ଥିତ ଅଛନ୍ତି । କଂଗ୍ରେସର ଗୌରବ ଗୋଗୋଇ ଏବଂ ପ୍ରମୋଦ ତିୱାରୀ, ଏନ୍‌ସିପି-ଏସ୍‌ସିପିର ସୁପ୍ରିୟା ସୁଲେ, ଡିଏମ୍‌କେର ତିରୁଚି ଶିବା, ସମାଜବାଦୀ ପାର୍ଟିର ରାମଗୋପାଲ ଯାଦବ ଏବଂ ଡିଏମ୍‌କେର ଟି. ଆର୍. ବାଲୁ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଛନ୍ତି ।

ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଉଭୟ ଗୃହରେ ୨୧ଟି ଲେଖାଏଁ କାର୍ଯ୍ୟଦିବସ ରହିଛି । ସୂଚନା ଅନୁଯାୟୀ ମୌସୁମୀ ଅଧିବେଶନ କାଳରେ ଜନବିଶ୍ୱାସ ବିଧେୟକ, ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଏବଂ ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ ହେବାର ସମ୍ଭାବନା ରହିଛି ।

## ମୋହନ ଯାଦବ-ସ୍ପେନ

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗତକାଲି ୭ଦିନିଆ ଦୁବାଇ ଏବଂ ସ୍ପେନ୍ ଗସ୍ତରେ ଯାଇଛନ୍ତି । ମଧ୍ୟପ୍ରଦେଶ ଗ୍ଲୋବାଲ ଡାଇଲଗ ୨୦୨୫ ପାଇଁ ସେ ଏହି ଗସ୍ତ କରିଥିବା ଜଣାପଡିଛି । ଗସ୍ତର ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ବ୍ୟବସାୟୀ, ପୁଞ୍ଜିନିବେଶକର୍ତ୍ତା ଏବଂ ଅନ୍ୟମାନଙ୍କ ସହ ସ୍ପେନ୍‌ର ବାର୍ସିଲୋନାରେ ବୈଠକ କରିବେ । ଶ୍ରୀ ଯାଦବ ସେଠାରେ ରହୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ମଧ୍ୟପ୍ରଦେଶକୁ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି ସ୍ୱତନ୍ତ୍ର

ପଦକ୍ଷେପ ଗ୍ରହଣ କରିବା । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ଯାଦବ କହିଛନ୍ତି ମଧ୍ୟପ୍ରଦେଶରେ ଉତ୍ପାଦନ ବୃଦ୍ଧି ଲାଗି ନିବେଶକର୍ତ୍ତାଙ୍କ ସହ ଅନେକଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଫଳରେ ନୂତନ ସୁଯୋଗ ଓ ନିଯୁକ୍ତି ସୃଷ୍ଟି ହୋଇପାରିବ ।

**V/O (Mohan Yadav)**

# ହର୍‌ଦୀପ ସିଂ ପୁରୀ

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହର୍‌ଦୀପ ସିଂହ ପୁରୀ କହିଛନ୍ତି ଭାରତ ତୈଳ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ଆଗକୁ ବଢୁଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପୁରୀ କହିଛନ୍ତି ଯେ ଭବିଷ୍ୟତର ଶକ୍ତି ଚାହିଦାର ମୁକାବିଲା କରିବା ଲାଗି ଭାରତ ପ୍ରତ୍ୟେକଟି ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛି । ସେ କହିଛନ୍ତି ବିଭିନ୍ନ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଏକ ମିଲିୟନ ସ୍କୋୟାର କିଲୋମିଟର ଅଞ୍ଚଳରେ ତୈଳ ଅନୁସନ୍ଧାନ ଜାରି ରହିଥିବାବେଳେ ୯୯ ପ୍ରତିଶତ ଅଞ୍ଚଳକୁ 'ନୋ ଗୋ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି । ଭାରତରେ ତୈଳ ଏବଂ ଗ୍ୟାସ୍ ଅନୁସନ୍ଧାନ ନିମନ୍ତେ ବ୍ୟବସାୟୀ ଏବଂ ଶିଳ୍ପ ଗୁଡ଼ିକ ସୁଯୋଗ ନେଉଛନ୍ତି । ଦେଶରେ ଗ୍ୟାସ୍ ବିତରଣ ପ୍ରଣାଳୀ ବୈପ୍ଳବିକ ପରିବର୍ତ୍ତନ ଆଣିଛି ।

# ଓଡ଼ିଶା–ଶକ୍ତିଶ୍ରୀ

ଓଡ଼ିଶାର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝି 'ଶକ୍ତିଶ୍ରୀ' ଯୋଜନା ଘୋଷଣା କରିଛନ୍ତି । ସଂପ୍ରତି ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଜଣେ ଛାତ୍ରୀଙ୍କ ଆତ୍ମଦାହ ପରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ସେନେଇ ମୁଖ୍ୟମନ୍ତ୍ରୀ ଶକ୍ତିଶ୍ରୀ ଯୋଜନା ଘୋଷଣା କରିଥିବା ଜଣାପଡିଛି ।

ଆମ ସମ୍ବାଦଦାତା ପ୍ରକାଶ ଦାଶଙ୍କ ରିପୋର୍ଟ...

**V/O (Prakash Dash)**

ଏହି ଯୋଜନା ରାଜ୍ୟର ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟକାରୀ ହେବ । ଏଥିରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସ୍ଥାପନ କରାଯାଇ ଏହା କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଯିବ । ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ୫ଜଣ ଶକ୍ତି ଅପାଙ୍କୁ ନେଇ ଏହି ସଶକ୍ତିକରଣ କେନ୍ଦ୍ର ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳାମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ଶକ୍ତିଶ୍ରୀ ଆପ୍ ମାଧମରେ ଛାତ୍ରୀମାନଙ୍କୁ ସଚେତନ କରାଯିବା ସହ ସେଫ୍ ଅଭିଯାନ ଜରିଆରେ ପ୍ରଶିକ୍ଷଣ ଦିଆଯିବା ସହ ବାର୍ଷିକ ଅନ୍‌ଲାଇନ୍ ପ୍ରଶିକ୍ଷଣ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି ।

# ପିଏମ୍-କଚ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଚ୍‌ର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧିକରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଅଞ୍ଚଳକୁ ଯାଉଥିବା ମୋଟର ସାଇକଲ ଚାଳକ ମାନଙ୍କୁ ଉତ୍ସାହିତ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଟିଭିଏସ୍ ମୋଟର କମ୍ପାନୀର ବେଣୁ ଶ୍ରୀନିବାସନ ଏବଂ ସୁଦର୍ଶନ ବେଣୁଙ୍କ ସହ ସାକ୍ଷାତ୍

ଆଲୋଚନା ପରେ ପ୍ରଧାନମନ୍ତ୍ରୀ ସମ୍ପୃକ୍ତ ଅଞ୍ଚଳକୁ ଅଧିକରୁ ଅଧିକ ପରିଦର୍ଶନ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀନିବାସନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରଣଉତ୍ସବ ୨୦୨୫ କଫି ଟେବୁଲ ବୁକ୍ ଉପହାର ଦେଇଛନ୍ତି । ଏଥିରେ କଚ୍‌ର ସଂସ୍କୃତି ଏବଂ ଐତିହ୍ୟ ସମ୍ପର୍କରେ ସୂଚନା ଦିଆଯାଇଛି । ଯୁବପିଢ଼ୀଙ୍କ ମଧ୍ୟରେ କଚ୍‌କୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ଲୋକପ୍ରିୟ କରିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ୟୁକ୍ରେନ୍-ରୁଷ୍

ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନ୍‌ସ୍କି କହିଛନ୍ତି ଆସନ୍ତା ସପ୍ତାହରେ ମସ୍କୋ ସହ ନୂଆ ପର୍ଯ୍ୟାୟ ଶାନ୍ତି କଥାବାର୍ତ୍ତା ଲାଗି କିଭ୍ ପ୍ରସ୍ତାବ ଦେଇଛି । ଦେଶବାସୀଙ୍କୁ ଏକ ସାନ୍ଧ୍ୟ ଉଦ୍‌ବୋଧନରେ ଶ୍ରୀ ଜେଲେନ୍‌ସ୍କି କହିଛନ୍ତି ଅସ୍ତ୍ରବିରତି ଲକ୍ଷ୍ୟ ହାସଲ ଲାଗି ଏସବୁ କରାଯିବା ଉଚିତ୍ । ରୁଷ୍‌ର ଉପ ବୈଦେଶିକ ମନ୍ତ୍ରୀ ସର୍ଗେଇ ରେବକୋଭ କହିଛନ୍ତି ମସ୍କୋ ୟୁକ୍ରେନ ସଂଘର୍ଷରେ ଏକ କୂଟନୈତିକ ସମାଧାନକୁ ସମର୍ଥନ କରୁଛି ଏବଂ ଏ କ୍ଷେତ୍ରରେ ବୁଝାମଣା ଲାଗି ପ୍ରସ୍ତୁତ ରହିଛି । ଗତ ମଙ୍ଗଳବାର ଦିନ ଆମେରିକା ରାଷ୍ଟ୍ରପତି ୟୁକ୍ରେନ ଯୁଦ୍ଧବିରତି ଲାଗି ୫୦ଦିନିଆ ସମୟସୀମା ପ୍ରସ୍ତାବକୁ ରୁଷ୍ ଅଗ୍ରାହ୍ୟ କରିଥିଲା । ଆମେରିକା ରାଷ୍ଟ୍ରପତି ଲାଗୁ କରିବାକୁ ଥିବା ଅତ୍ୟଧିକ ଶୁଳ୍କ ପ୍ରସ୍ତାବକୁ ରୁଷ୍ ନାପସନ୍ଦ କରିଥିବା କୁହାଯାଇଛି ।

# ସାଉଦୀ – ସ୍ଲିପିଂ ପ୍ରିନ୍ସ ଡେଡ୍

ସାଉଦୀ ଆରବର ଜଣାଶୁଣା ସ୍ଲିପିଂ ପ୍ରିନ୍ସ 'ପ୍ରିନ୍ସ ଅଲ୍ ୱାଲିଦ୍'ଙ୍କର ୩୬ ବର୍ଷ ବୟସରେ ପରଲୋକ ଘଟିଛି । ପ୍ରାୟ ୨ ଦଶନ୍ଧି ହେବ ସେ କୋମାରେ ଥିଲେ । ରିଆଦ୍‌ର ଅବଦୁଲ୍ଲା ମସ୍‌ଜିଦ୍‌ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ । ସାଉଦୀ ରାଜପରିବାରର ପ୍ରିନ୍ସ ଖାଲିଦ୍ ବିନ୍ ତଲାଲଙ୍କ ବଡପୁଅ ଥିଲେ ପ୍ରିନ୍ସ ଅଲ୍ ୱାଲିଦ୍ । ୨୦୦୫ରେ ୧୫ ବର୍ଷ ବୟସରେ ଲଣ୍ଡନଠାରେ ଏକ ଭୟଙ୍କର କାର୍ ଦୁର୍ଘଟଣାରେ ତାଙ୍କ ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଥିଲା । ଉନ୍ନତ ଚିକିତ୍ସା ସତ୍ତ୍ୱେ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ ।

# ଭିଏତନାମ ବୋଟ୍ କାପ୍‌ସାଇଜ୍

ଭିଏତ୍‌ନାମର ହା ଲଙ୍ଗ ଉପକୂଳରେ ଏକ ପର୍ଯ୍ୟଟନ ଡଙ୍ଗା ବୁଡିବା ଫଳରେ ମୃତ୍ୟୁସଂଖ୍ୟା ୩୮ରେ ପହଞ୍ଚିଛି । ଘଟଣାସ୍ଥଳରେ ତଲାସୀ ଏବଂ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏକ ଭୟଙ୍କର ଝଡ଼ ହେବା ଫଳରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡିଥିବା ଜଣାପଡିଛି । ଏହି ଡଙ୍ଗାରେ ୫୩ଜଣ ଯାତ୍ରୀଙ୍କ ମଧ୍ୟରୁ ୪୮ଜଣ ପର୍ଯ୍ୟଟକ ଥିବା ଜଣାପଡିଛି । ପ୍ରବଳ ବର୍ଷା ଏବଂ ଖରାପ ପାଗ କାରଣରୁ ମାତ୍ର ୧୦ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇପାରିଛି । ଅନ୍ୟମାନଙ୍କର ଭାଗ୍ୟ ଅନିଶ୍ଚିତ ଥିବା ଜଣାଯାଇଛି । ସୂଚନାଯୋଗ୍ୟ ହା ଲଙ୍ଗ ଉପକୂଳ ୟୁନେସ୍କୋର ଏକ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବରେ ଜଣାଶୁଣା ।

## ଇଣ୍ଟରନ୍ୟାସନାଲ ଚେସ୍ ଡେ

ଆନ୍ତର୍ଜାତିକ ଚେସ୍ ଦିବସ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ପ୍ରତିବର୍ଷ ଜୁଲାଇ ମାସ ୨୦ ତାରିଖ ଆଜିର ଦିନରେ ବିଶ୍ୱ ଚେସ୍ ସମୁଦାୟ ତରଫରୁ ୧୯୨୪ ମସିହାରେ ପ୍ରତିଷ୍ଠା କରାଯାଇଥିବା ଫାଇଡ୍‌ର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଉପଲକ୍ଷେ ଇୟର ଅଫ୍ ସୋସିଆଲ ଚେସ୍‌କୁ ପ୍ରଚଳନ କରାଯାଇ ଏହା ଶିକ୍ଷା, ସଶକ୍ତି ଏବଂ ମାନସିକ ଉନ୍ନତିରେ ସହାୟକ ହେବା କୁହାଯାଇଛି । ଚଳିତବର୍ଷର ଆନ୍ତର୍ଜାତିକ ଚେସ୍ ଦିବସ ୨୦୨୫ର ବାର୍ତ୍ତା ରହିଛି "ପ୍ରତେକ ପଦକ୍ଷେପ ଗଣନଯୋଗ୍ୟ" । ଏହି ବାର୍ତ୍ତା ଚେସ୍ ବୋର୍ଡ ସହ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏକ ଭିନ୍ନ ଆକାର ଧାରଣ କରେ । ବିଶ୍ୱନାଥନ ଆନନ୍ଦନଙ୍କ ଠାରୁ ଆରମ୍ଭ କରି ନୂତନ ପୀଢ଼ିର ବର୍ତ୍ତମାନର ଖେଳାଳିଙ୍କ ପର୍ଯ୍ୟନ୍ତ ଚେସ୍ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଏବଂ ଗୌରବ ଆଣିବାରେ ସହାୟକ ହୋଇପାରିଛି ।

## ଲଙ୍ଗଜମ୍ପ ଟାଇଟଲ

ଆଥଲେଟିକ୍ସରେ ମୁରଲୀ ଶ୍ରୀଶଙ୍କର ଲମ୍ଫଡିଆଁରେ ପର୍ତ୍ତୁଗାଲ ସ୍ପୋର୍ଟ୍ସ ମିଟ୍‌ରେ ଟାଇଟଲ ହାସଲ କରିଛନ୍ତି । ଗତ ରାତିରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ୭ ଦଶମିକ ୭/୫ ମିଟର ଅତିକ୍ରମ କରିଥିଲେ । ଏହି ପ୍ରତିଯୋଗିତା ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ପ୍ରଥମେ ସେ ୭ ଦଶମିକ ୬/୩ ମିଟର ଡେଇଁଥିଲେ । ଏହି ପ୍ରତିଯୋଗିତାରେ ପୋଲାଣ୍ଡର ପିଓଟର ଟାର୍‌କୋ

ଓ୍ୱସ୍‌କି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଅଷ୍ଟ୍ରେଲିଆର କ୍ରିସ୍ ମିଟ୍ରେ ଭିସ୍କି ତୃତୀୟସ୍ଥାନ ଅଧିକାର କରିଛନ୍ତି ।